CLASS: IV

SUBJECT : ଓଡିଆ

CHAPTER NAME : ଭଲକି କରିନି ମୁହଁ

SUBTOPIC : ଉପକ୍ରମ, କବି ପରିଚୟ ଓ କବିତା ଆବୃତ୍ତି



**କୃଷ୍ଣଚନ୍ଦ୍ର କର**

କୃଷ୍ଣଚନ୍ଦ୍ର କର ଜଣେ ଓଡ଼ିଆ ଓ ଇଂରାଜୀ ଉଭୟ ଭାଷା ର କବି ଓ ସମାଲୋଚକ । ସେ ବିଦ୍ୟୁତପ୍ରଭା ଦେବୀ ଓ ତାଖି ଖୁଣ୍ଟିଆ ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବହୁତ କବିତା ର ରଚନା କରିଥିଲେ ।

# ଭଲ କି କରିନି ମୁହିଁ ?

କୃଷ୍ଣଚନ୍ଦ୍ର କର

8BKPH1

ବାଲୁତ ସୂରୁଯ ନ ଉଠୁଣୁ ଆଜ
ହସର ଆଲୁଅ ବୁଣି
ଧଡ଼ପଡ଼ ହୋଇ ଉଠିଲି, ବୋଉ ଲୋ
ଶୁଆ, ଶାରୀ ଡାକ ଶୁଣି ।

ପିଞ୍ଜରାରୁ କାଢ଼ି ଦେଲି ଯେବେ ଛାଡ଼ି
ଡେଣା ଝାଡ଼ି କେଡ଼େ ସୁଖେ
ଉଡ଼ିଉଡ଼ି ସେ ଯେ ମିଶିଗଲେ କାହିଁ
ଗହନ ବନର ବୁକେ ।



କହ, ବୋଉ ! କହ ତୁହି,
ଉଡ଼ାଇ ଦେଇ ତୋ ପୋଷା ଶୁଆ, ଶାରୀ
ଭଲ କି କରିନି ମୁହିଁ ?





ଚମ ଧୁଡୁଧୁଡୁ ଫୁଙ୍ଗୁଳା ବୁଢ଼ାଟି
ଦେଖିଲି ସଡ଼କ ଦାଢ଼େ,
ଦିହ ଥୁରୁଥୁରୁ ବାଳ ଫୁରୁଫୁରୁ
ମାଘର ବାଘୁଆ ଜାଡ଼େ ।
କାଲୁଆ ବାଆର ହାବୁକା-ମାଡ଼ରୁ
ବରତିବ ବୋଲି ସିଏ,
ଦିହରୁ କାଢ଼ି ମୋ ଲାଲ ଶାଲଟିକି
ଘୋଡ଼ାଇ ଦେଲି ତା ଦେହେ ।
କହ, ବୋଉ ! କହ ତୁହି
ନିସାହା ବୁଢ଼ାକୁ ଶାଲଟିଏ ଦେଇ
ଭଲ କି କରିନି ମୁହିଁ ?

ବଣ ଶୁଆଶାରୀ ବଣେ ଉଡ଼ିଗଲେ
ଆପଣା ଜନମ ଥାନେ,
ସାଥୀମେଳେ ଏବେ ଗାଉଥିବେ ଡାଳେ
ମନ-ଉଲାସିଆ ତାନେ !



ଶାଲ ପାଇ ବୁଢ଼ା ଶୀତଢେମାଳରୁ
ଏ ସାଲଟି ଯିବ ତରି,
ତୋ ପଣତ ପରା ଶୀତବାରଣୀ ମୋ
ଶାଲ କି ହେବ ତା ସରି ?



କହ, ବୋଉ ! କହ ତୁହି,
ନିଆଶୀ ମନରେ ସୁଖ ଟିକେ ଦେଇ
ଭଲ କି କରିନି ମୁହିଁ ?





# THANKING YOU

# ODM EDUCATIONAL GROUP